ଧରିତ୍ରୀ DHARITRI
ରାୟଗଡ଼ା, ଗୁରୁବାର, ୪ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଚନ୍ଦ୍ରପୁରରେ ପ୍ରଚାର କଲେ ପୁରୁଷୋତ୍ତମ ଗମାଙ୍ଗ



**ଚନ୍ଦ୍ରପୁର, ୩।୪(ଡି.ଏନ୍.ଏ.):** ଚନ୍ଦ୍ରପୁର ବ୍ଲକରେ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଚାଲିଛି। ମଙ୍ଗଳବାର ଗୁଣପୁର ଲୋକ ସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ଚନ୍ଦ୍ରପୁରରେ ପ୍ରଚାର କରିଛନ୍ତି। ପ୍ରଥମେ ଝାଲିଆ ମନ୍ଦିରକୁ ଯାଇ ପୂଜାପାଠ କରି ତାଙ୍କ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଶହ ଶହ କର୍ମୀ ସମର୍ଥକଙ୍କୁ ନେଇ ସେଠାରେ ଏକ ରୋଡ ଶୋ' କରିଥିଲେ। ସେ ଚନ୍ଦ୍ରପୁର ସମେତ ବନ୍ଦିରି, ବଣ୍ଡିପଙ୍ଗା, ବିଜାପୁର, ନେହେରୁପଙ୍ଗା, ପାଟତାଲି, ଏଛେନାଗୁଡ଼ା ଅଞ୍ଚଳ ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଏଥିରେ ଚନ୍ଦ୍ରପୁର ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଶୋୟୀ, ବ୍ଲକ ଉପାଧକ୍ଷା ରେଣୁବାଳା ଭାଟ, କଂଗ୍ରେସ କର୍ମୀ ଭୀମ ଗଗେରେଙ୍ଗା, କାହ୍ନୁରାଜୁଙ୍କ ସମେତ ଅନ୍ୟ ସମର୍ଥକମାନେ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳକୁ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସପ୍ତିରୀ ଉଲ୍ଲାକା ମଧ ସାମିଲ ହୋଇଥିଲେ।

### ଅଜଣାଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ନବରଙ୍ଗପୁର,୩।୪(ବି.ପ୍ର.):** ନବରଙ୍ଗପୁର ଜିଲା ଚିକିଲି ନଦୀ ନିକଟରେ ଅଜଣାଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ପାପଡାହାଣ୍ଡି ବ୍ଲକ ଡକରାଗୁଡା ଗାଁର ସନପତ ମାଝୀଙ୍କ ପୁଅ ମଦନ ମାଝୀ(୩୫)। ସେ ମଙ୍ଗଳବାର ବାଲିଯାତ୍ରା ଦେଖି ପଖନାଗୁଡାରେ ଥିବା ଭଉଣୀ ଘରକୁ ଯାଉଥିଲେ। ଚିକିଲି ନଦୀ ନିକଟରେ ଏକ ଅଜଣାଗାଡି ତାଙ୍କୁ ଧକ୍କା ଦେଇଥିଲା। ନଦୀ ପୋଲ ନିକଟସ୍ଥ ମକା କ୍ଷେତ ଭିତରେ ମଦନ ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ନବରଙ୍ଗପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଦନର ଭାଇ କିଶୋର ମାଝୀ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଏନେଇ ନଂ ୮୬/୧୮ରେ ଏକ ମାମଲା ରୁଜୁ ହୋଇଛି। ଏସ.ଆଇ ନିଳିମା ପାଣିଗ୍ରାହୀ ଘଟଣାର ତଦନ୍ତ କରୁଛନ୍ତି।

### ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍ ମାର୍ଚ୍ଚ



**ଗୁଣପୁର,୩।୪(ଡି.ଏନ୍.ଏ.):** ଅବୈଧ ଏବଂ ନିରପେକ୍ଷ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ଗୁଣପୁର ପୋଲିସ ଏବଂ ସିଆରପିଏଫ ପକ୍ଷରୁ ମିଳିତ ଭାବେ ଫ୍ଲାଗ ମାର୍ଚ୍ଚ କରାଯାଇଚି। ଏଥିରେ ସ୍ଥାନୀୟ ପୋଲିସ ଅଧିକାରିମାନେ ଉପସ୍ଥିତ ଥିଲେ। ଏହି ଫ୍ଲାଗ ମାର୍ଚ୍ଚ ସହର ପରିକ୍ରମା କରିଥିଲା।

### କାର୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ବ୍ରହ୍ମପୁର ଅଫିସ,୩।୪:** ଗୋପାଳପୁର ଓଭରବ୍ରିଜ ନିକଟରେ ବୁଧବାର ରାତିରେ ଏକ କାର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ଜେନା। ତାଙ୍କ ଘର ଦିଗପହଣ୍ଡି ଥାନା ଅନ୍ତର୍ଗତ ପଥରପୁଞ୍ଜି ବୋଲି ଜଣାପଡିଛି। ଆହତ ହେଲେ ଉକ୍ତ ଗ୍ରାମର ଉଗ୍ରସେନ ଜେନା।

# ଭୋଟ ମାଗିଲେ ବିଭିନ୍ନ ଦଳର ପ୍ରାର୍ଥୀ

**କାଶୀପୁର, ୩।୪(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକରେ ବୁଧବାର ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ଲୋକଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରିଛନ୍ତି। ସେଠାରେ ଶୋଭାଯାତ୍ରା ଓ ସାଧାରଣ ସଭା କରି ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକା, ଲୋକ ସଭା ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା, ରାୟଗଡା ଜିଲା ସଭାପତି ଦୁର୍ଗା ପଣ୍ଡା ସେମାନଙ୍କ ସମର୍ଥକଙ୍କ ସହ କାଶୀପୁର ବ୍ଲକ ଛକ ନିକଟରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କଂଗ୍ରେସ ଜିତିଲେ ଅଞ୍ଚଳର ବିକାଶ ହେବ ବୋଲି କହି ଭୋଟ ମାଗିଥିଲେ। ସେହିଭଳି




ସ୍ୱାଧୀନ ପ୍ରାର୍ଥୀଙ୍କ ନିର୍ବାଚନୀ ରାଲି।

ବିଜେଡି ବିଧାୟକ ପ୍ରାର୍ଥୀ ଲାଲ ବିହାରୀ ହିମିରିକା, ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା,ରାଜ୍ୟ ସମ୍ପାଦକ ଜଗଦିଶ ପାତ୍ର, ଜିଲା ମହିଳା ସଭାପତି ଅନସୂୟା ମାଝି ମଧ ସମର୍ଥକଙ୍କ ସହ ଜଗନ୍ନାଥ ମନ୍ଦିର ପରିସରରୁ ବ୍ଲକ ଛକ ପର୍ଯ୍ୟନ୍ତ ରାଲିରେ ଯାଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ଭୋଟ ଭିକ୍ଷା କରିଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି, ପୂର୍ବତନ ବିଧାୟକ ବିଭିଷଣ ମାଝି, ବ୍ଲକ ଅଧକ୍ଷା ରୁଆଇ ମାଝି, ଜିଲା ପରିଷଦ ଅମ୍ବିକା ମାଝି, କାଶୀପୁର ତୁଙ୍ଗ ନେତା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ହନୁମାନ ମନ୍ଦିର ପରିସରରୁ ଏକ ବିଶାଳ ରାଲିରେ ବ୍ଲକ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ହାଟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏକ ସମାବେଶ କରିବା ସହିତ କାଶୀପୁରର ପରିବର୍ତ୍ତନ ଜରୁରୀ ବୋଲି କହି ନାରା ଦେବା ସହ ଭୋଟ ଭିକ୍ଷା କରିଥିଲେ। ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନରେ ମଧ ବହୁ ଜନସମାଗମ ହୋଇଥିଲା।




ବାର୍ଷିକ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସେଞ୍ଚୁରିଆନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୩।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଦ୍ୟାଳୟ ର ୧୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ଅଧକ୍ଷା କାଳାପୂର୍ଣ୍ଣା ଦେବୀ ସଭାପତିତ୍ୱ କରିଥିଲେ। ପ୍ରଧାପକ ଟି.ଏନ୍.ରାଓ ମୁଖ୍ୟ ଅତିଥି, ଗଣେଶ ଜେନା ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ବିଶ୍ୱାସ, ନିଷ୍ଠା ଏବଂ ଏକାଗ୍ରତର ସହ ଯେକୌଣସି କାର୍ଯ୍ୟ କଲେ ସଫଳତା ମିଳିପାରିବ ବୋଲି ଆହ୍ୱାନ ଦେଇ ଅନୁଷ୍ଠାନର ଆଧାତ୍ମିକ ଶିକ୍ଷା, ସଂସ୍କାର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର, ଡ.ଦୁର୍ଗା ପ୍ରସାଦ ପାଢୀ, ଡ. ପ୍ରଜ୍ଞା ପାଣି, ଡେପୁଟି ରେଜିଷ୍ଟ୍ରାର ସନ୍ଦୀପନ ପାଇନ ପ୍ରମୁଖ ଉପସ୍ଥିତ ଥିଲେ । ସୁନିତା ପାଣିଗ୍ରାହୀଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

■ ଶ୍ରମ ଆୟୁକ୍ତଙ୍କ ସହ ବିଭିନ୍ନ ଦାବି ନେଇ ଆଲୋଚନା ବିଫଳ

## ଭୋଟ ବର୍ଜନ କରିବ ଜେକେ କାଗଜକଳ ଠିକା ଶ୍ରମିକ ସଂଘ



ଶ୍ରମ ଆୟୁକ୍ତଙ୍କ ସହ ଆଲୋଚନା କରିବାକୁ ଆସିଥିବା ଜେକେ କାଗଜକଳର ଠିକା ସଂଘ ସଦସ୍ୟ।

**ରାୟଗଡା ଅଫିସ୍, ୩।୪**

ଜେକେ କାଗଜ କଳ ଠିକା ଶ୍ରମିକଙ୍କ ପ୍ରତି ଅଣଦେଖା କରୁଛି। ଜେକେ କାଗଜକଳ ଶ୍ରମିକ ସଙ୍ଗଠନର ବିଭିନ୍ନ ଦାବିକୁ ଅଣଦେଖା କରୁଛନ୍ତି। ଠିକା ଶ୍ରମିକମାନଙ୍କ ଅଧିକାର ସୁରକ୍ଷା, ସାମାଜିକ ସୁରକ୍ଷା ପ୍ରଦାନରେ କମ୍ପାନୀ ବିଫଳ। ତେଣୁ ବିଭିନ୍ନ ଦାବି ନେଇ ସଂଘ ସଭାପତି ପେଦେଣ୍ଟି ସୀତାରାମ ଓ ସାଧାରଣ ସମ୍ପାଦକ ପେଦେଣ୍ଟି ରାମୁଲୁ ଓ ଅନ୍ୟ ସଦସ୍ୟମାନେ ବୁଧବାର ରାୟଗଡା ଶ୍ରମ ଆୟୁକ୍ତ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ତେବେ ଏହି ଆଲୋଚନା ବିଫଳ ହୋଇଥିବା ଶ୍ରମିକମାନେ କହିଛନ୍ତି। ଏହାର ପ୍ରତିବାଦରେ ଜେକେ କାଗଜକଳର କାର୍ଯ୍ୟରତ ୪୫୦୦ଠିକା ଶ୍ରମିକ ଆସନ୍ତା ସାଧାରଣ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶ୍ରମ ଆୟୁକ୍ତଙ୍କୁ ପଚରାଯିବାରୁ ସେ କହିଛନ୍ତି, ଜେକେ କାଗଜକଳ ଏହି ଠିକା ଶ୍ରମିକ ସଙ୍ଗଠନକୁ ସ୍ୱୀକୃତି ଦେଇନାହାଁନ୍ତି। ଶ୍ରମିକଙ୍କ ଅଧିକାଂଶ ଦାବି ଜିଲା ପ୍ରଶାସନର ହସ୍ତକ୍ଷେପ ଫଳରେ ପୂରଣ ହୋଇଛି। ଶ୍ରମିକମାନଙ୍କ ଭୋଟ ବର୍ଜନ ନିଷ୍ପତ୍ତି ସହ ଶ୍ରମ ବିଭାଗର କୌଣସି ସମ୍ପର୍କ ନାହିଁ ।

## ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ

**ଡାବୁଗାଁ, ୩।୪ (ଡି.ଏନ.ଏ.)**

ଡାବୁଗାଁ ସଦର ମହକୁମା ସ୍ଥିତ ଭୈରବ କନିଷ୍ଠ ମହାବିଦ୍ୟାଳୟରେ ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ସମସ୍ତ ପୋଲିଂ ଅଧିକାରୀ ମାନଙ୍କୁ ନେଇ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଟଦାନ ଦିନ ଅଧିକାରୀଙ୍କ କାର୍ଯ୍ୟାବଳୀ, ଇଭିଏମ ଓ ଭିଭିପାଟ ମେସିନ ଉପରେ ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଏଥରେ ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ୨ଟି ପର୍ଯ୍ୟାୟରେ ୨୦୪ ଜଣ ଲେଖାଏଁ ତାଲିମ ଦିଆଯାଉଛି। ଏଥିରେ ପ୍ରଶିକ୍ଷକ ଭାବେ ଜିଲାସମାଜ କଲ୍ୟାଣ ଅଧିକାରୀ ନିମାଇଁ ଚରଣ ସ୍ୱର୍ଣ୍ଣକାର, ପାପଡାହାଣ୍ଡି ବ୍ଲକ ବିଡିଓ ରଞ୍ଜିତା ମଲ୍ଲିକ, ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, କମ୍ପ୍ୟୁଟର ପ୍ରୋଗ୍ରାମର ଏମ.ଜି. ଦେବାଶିଷଙ୍କ ସମେତ ୧୫ ଅଧିକାରୀ ତାଲିମ ଦେଉଛନ୍ତି । ତାଲିମ ପରେ ସମସ୍ତ ପୋଲିଂ ଅଧିକାରୀ ମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରୁଛନ୍ତି। ଏହି ପୋଲିଂ ଅଧିକାରିଙ୍କ ମତଦାନ ପାଇଁ ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ପ୍ରାଣୀ ଚିକିତ୍ସକ ସାରସ୍ୱତ ସାହୁ, ବରିଷ୍ଠ କିରାଣୀ ଜେମ୍ସ ମାଟିନ ସୁନା, ହେମନ୍ତ କୁମାର ସାହୁ, ଆଇ.ସି.ଡି.ଏସ ସୁପରଭାଇଜର ରୋଜାଲିନ ପ୍ରଧାନ, କୁନମୁନ ସେନାପତି, ରଶ୍ମିପ୍ରଭା ପାଣିଗ୍ରାହୀ, ମଧୁସ୍ମିତା ମିଗାନ, ମୁନାବାର ସୁଲତାନା ପ୍ରମୁଖ ପୋଷ୍ଟାଲ ବାଲାଟ ମତଦାନ ଅଧିକାରୀ ଭାବେ ଦାୟିତ୍ୱର ରହିଛନ୍ତି । ଏଥିରେ ଡାବୁଗାଁ ବିଡିଓ ରଞ୍ଜିତା ମେରୀ ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ ଓ ବ୍ଲକର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ତାଲିମ ୫ ତାରିଖରେ ଶେଷ ହେବ।

## ଦୁଇଟି ସ୍ଥାନରୁ ପୋଲିସ ଜବତ କଲା ଟଙ୍କା

**ପାରଳାଖେମୁଣ୍ଡି, ୩।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଦୁଇ ଟି ସ୍ଥାନରୁ ନିର୍ବାଚନୀ ଅର୍ଥ ଜବତ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରୁ ୫୦ହଜାର ୨୫୦ ଟଙ୍କା ଏବଂ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ୫ମାଇଲ ଛକଠାରୁ ୫୦ ହଜାର ଟଙ୍କା ଜବତ ହୋଇଛି। ତେବେ ଚଳିତ ନିର୍ବାଚନରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ କଂଗ୍ରେସରୁ କେ.ସୁରିଆ ରାଓ, ଭାଜପାରୁ କେ.ନାରାୟଣ ରାଓ, ବିଜେଡିରୁ ରାଜକୁମାରୀ କଲ୍ୟାଣୀ ଦେବୀ ଏବଂ ସ୍ୱାଧୀନ ଭାବେ ଡ.ତିରୁପତି ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅର୍ଥ କାରବାର ଉପରେ ଗଜପତି ପୋଲିସ ଏବଂ ନିର୍ବାଚନ ପାଇଁ ଗଠିତ ଫ୍ଲାଇଙ୍ଗ୍ ସ୍କାଡ କଡା ନଜର ରଖିଛନ୍ତି।

## ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝିଙ୍କ ପୁଣ୍ୟତିଥି ପାଳିତ

**ଚନ୍ଦାହାଣ୍ଡି, ୩।୪(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝିଙ୍କ ୨୦ତମ ପୁଣ୍ୟତିଥି ପାଳିତ ହୋଇଛି। ପାନାବେଡା ମହାବିଦ୍ୟାଳୟ ଏବଂ ପାନାବେଡା ପେଟ୍ରୋଲ ପମ୍ପଠାରେ ଥିବା ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ତାଙ୍କ ଦୁଇ ପୁତ୍ର ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମାଝି ଓ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ସ୍ମୃତିକୁ ମନେପକାଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ ପୁଣ୍ୟତିଥି ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌରହରି ନାୟକ, କାର୍ତ୍ତିକ ବାଘ, ପ୍ରଶାନ୍ତ ପାରୀ, ରୁଷୁ ବାଘ, ମଧୁସୂଦନ ନାଗେଶ, ତ୍ରିନାଥ ଦାଶ, ଝୁମୁକଲାଲ ସାହୁ, ନୃସିଂହ ମାଝି, ବାଲାରାମ ସାହୁ, ମୋତିଲାଲ ହଂସ, ଚଇତୁରାମ ଦଣ୍ଡସେନା, ଯୁବରାଜ ଜଗତ ପ୍ରମୁଖ ଯୋଗ ଦେଇଥିଲେ।



ଯାଦବ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

## କୁଞ୍ଜବିହାରୀ ପାଠଗାରର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁର,୩।୪(ବି.ପ୍ର)**

ନବରଙ୍ଗପୁରସ୍ଥିତ ଶ୍ରୀ କୁଞ୍ଜବିହାରୀ ପାଠାଗାର ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିକ୍ରମ ଦେବ ତୃତୀୟ କେସିଆଇଇ ଶୀର୍ଷକ ଆଲୋଚନା ଚକ୍ରରେ ବିଷମକଟକର ବିଶିଷ୍ଟ ଗବେଷକ ଓ ଲେଖକ ଶ୍ରୀରଙ୍ଗ ନାୟକ ଯୋଗ ଦେଇ ମହାରାଜା ଜଣେ ପ୍ରଜାବତ୍ସଳ ଓ ଜନକଲ୍ୟାଣ ଶାସକ ରୂପେ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ପାଇବା ନିମନ୍ତେ ଦାବିଦାର ବୋଲି କହିଥିଲେ। ଇନ୍ଦ୍ରାବତୀ ପୋଲ ନିର୍ମାଣ ନିମନ୍ତେ ସରକାରଙ୍କୁ ଦେଢ ଲକ୍ଷ ଟଙ୍କା ଦାନ, ଜୟପୁର ବାଳିକା ବିଦ୍ୟାଳୟ ପାଇଁ ୩ ହଜାର ଟଙ୍କା ଦାନ, ଜର୍ମାନ ଯୁଦ୍ଧ ସମରେ ମାନ୍ଦ୍ରାଜର ସରକାରୀ ଚିକିତ୍ସାଳୟକୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ତାଙ୍କ ଉଦାରତାର ଦୃଷ୍ଟାନ୍ତ ବୋଲି କହିଥିଲେ। ପାଠାଗାରର ସଭାପତି ନାରାୟଣ ପଣ୍ଡା ଏଥିରେ ଅଧକ୍ଷତା କରି ବିକ୍ରମ ଦେବଙ୍କୁ ଜଣେ ପ୍ରଗତିଶୀଳ ଶାସକ ବୋଲି କହିଥିଲେ। ରାଜାଙ୍କ କର୍ତ୍ତବ୍ୟପରାୟଣ ଯୋଗୁ ସରକାର ତାଙ୍କୁ ସମ୍ମାନସୂଚନ ମହାରାଜା ଓ କେସିଆଇଇ ଉପାଧି ପ୍ରଦାନ କରିଥିବା ଡ. ରାଧାନାଥ ବେହେରା ମତ ପ୍ରକାଶ କରିଥିଲେ। କବି ହରିହର ନାୟକ ଭକ୍ତି ସଙ୍ଗୀତ ଗାନ କରିଥିବା ବେଳେ ଶାସ୍ତ୍ରବିତ କୁମୁଦ ପଟ୍ଟନାୟକ ଭଗବତ ଗୀତାର ଶ୍ଳୋକପାଠ କରିଥିଲେ। ଅବସରପ୍ରାପ୍ତ ମାଜିଷ୍ଟ୍ରେଟ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଜେମାମଣି ବିଶୋଇ, ସି.ଏଚ.ଉଷାରାଣୀ, ନଟବର ବିଶ୍ୱାଳ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ପର୍ଶୁରାମ ସାହୁ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ପାଣିଗ୍ରାହୀ, ଭାରତୀ ବିଶୋଇ, ନିରଞ୍ଜନ ମିଶ୍ର, ରୀତାରାଣୀ ପଟ୍ଟନାୟକ, କୈଳାଶ ଚନ୍ଦ୍ର ବେହେରା, ଉମାଶଙ୍କର ତ୍ରିପାଠୀ, ଡା କୈଳାଶ ଚନ୍ଦ୍ର ପାତ୍ର, ଗୋପବନ୍ଧୁ ବିଶୋଇ, ଅରୁଣ କୁମାର ପାଣିଗ୍ରାହୀ, ଭି.ଜଗନ୍ନାଥ ରାଓ, ବିଜୟ କୁମାର ମଙ୍ଗରାଜ, ବିକ୍ରମ ନନ୍ଦ, ବୈଦେହି ପଣ୍ଡା ଯୋଗ ଦେଇଥିଲେ।

■ ସୋସିଆଲ ମିଡିଆରେ ବୁଲୁଛି ଭିଡିଓ

## ପିଲା ଲଗାଉଛନ୍ତି ଦଳୀୟ ପତାକା

**ଗୁଣପୁର,୩।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ କେତେ ଜଣ ଛୋଟ ଛୋଟ ପିଲା ଏକ ନିର୍ଦ୍ଦିଷ୍ଟ ଦଳର ପତାକା ଲଗାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସହରର ଗୋଟିଏ ଅଞ୍ଚଳରେ କିଛି ପିଲା ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପତକାକୁ ଠେଲା ଗାଡ଼ିରେ ନେଇ ସେଗୁଡିକୁ ସାହି ସାହି ବୁଲି ଟାଙ୍ଗିଥିଲେ। ତେବେ ପିଲାମାନଙ୍କୁ କିଏ ଏଭଳି କାମରେ ଲଗାଇଛି ସେ ସମ୍ପର୍କରେ କିଛି ଜଣାପଡି ନାହିଁ। ପିଲାଙ୍କୁ ଏପରି କାର୍ଯ୍ୟରେ ଲଗାଇବା ନେଇ ସାଧାରଣରେ ନାପସନ୍ଦ କରାଯାଇଛି। ସେହିପରି ବିଭିନ୍ନ ରାଜନୈତିକ ଦଳ ମଧ ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଥିବା ଅଭିଯୋଗ ହୋଇଛି। ଦଳୀୟ ପତାକା ଏବଂ ପୋଷ୍ଟର ସରକାରୀ କାନ୍ଥ ସହ ବିଦ୍ୟୁତ ଖୁଣ୍ଟ ଆଦି ସ୍ଥାନରେ ଲଗାଯାଇ ପ୍ରଚାର କରାଯାଉଛି। ତେବେ ଏହା କିପରି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଜାଣି ପାରୁନାହାନ୍ତି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।




ପିଲାମାନେ ଦଳୀୟ ପତାକା ଲଗାଉଛନ୍ତି।

## ବାରମ୍ବାର ଟ୍ରେନ୍ ବିଳମ୍ବ ନେଇ ଯାତ୍ରୀ ଅସନ୍ତୋଷ

**ପାରଳାଖେମୁଣ୍ଡି, ୩।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରେଳ ଷ୍ଟେସନରେ ବାରମ୍ବାର ଟ୍ରେନ ବିଳମ୍ବରେ ପହଞ୍ଚିବା ଯୋଗୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁରୀ-ଗୁଣୁପୁର-ପଲାସା ପାସେଞ୍ଜର ଟ୍ରେନ ବାରମ୍ବାର ବିଳମ୍ବରେ ଆସୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହି ଟ୍ରେନ୍ ପାରଳାଖେମୁଣ୍ଡିଠାରୁ ଗୁଣୁପୁର ଯାଏ ସନ୍ଧ୍ୟାରେ ଯାଇଥାଏ। ଏହି ସମୟରେ ଉକ୍ତ ଟ୍ରେନରେ ଯିବାକୁ ଯାତ୍ରୀମାନେ ନିର୍ଭର କରିଥାନ୍ତି। ମାତ୍ର ଏହି ଟ୍ରେନ୍ ସର୍ବଦା କିଛି ନା କିଛି କାରଣ ଯୋଗୁ ବିଳମ୍ବ ହେଉଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଦିଗରେ ରେଳ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ୨ମାସ ହେଲା ୩ ଦାଦନ ଶ୍ରମିକ ନିଖୋଜ

**ଜେକେପୁର, ୩।୪(ଡି.ଏନ୍.ଏ)**

### ଫେରିବା ବାଟକୁ ଚାହିଁ ରହିଛନ୍ତି ପରିବାର

ଟଙ୍କା ରୋଜଗାର କରି ଋଣ ସୁଝିବା ଆଶାରେ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇ ଘରକୁ ଫେରିନାହାନ୍ତି ରାୟଗଡ଼ା ଜିଲା କୋଲନରା ବ୍ଲକର ୩ଜଣ ଶ୍ରମିକ। ସେମାନଙ୍କ ଫେରିବା ବାଟକୁ ଅନାଇ ଅନାଇ ଚିନ୍ତାରେ ଲୁହ ଗଡାଉଛନ୍ତି ପରିବାର ଲୋକେ । ସୁରୀ ପଞ୍ଚାୟତ ଚିନ୍ତାରିଗୁଡା ଗ୍ରାମର ରାମ ହୁଇକା ଚାଷ କରିବାକୁ ୫୦ ହଜାର ଟଙ୍କା ଋଣ ଆଣିଥିଲେ। ଏହାକୁ ଶୁଝି ନ ପାରିବାରୁ ରାମ ସ୍ତ୍ରୀ ଓ ୩ ଝିଅଙ୍କୁ ଛାଡି ବାହାରେ ଦାଦନ ଖଟିବାକୁ ମନସ୍ଥ କରିଥିଲେ। ଚିନ୍ତାଲିଗୁଡା ଗ୍ରାମ ନିକଟ ଗାଦୁଆ ସାହିର ନିରଞ୍ଜନ କଣ୍ଡାଗରୀ ତାଙ୍କୁ ଏ ନେଇ ସାହାଯ୍ୟ କରିବାକୁ କହି ରାୟଗଡା ପିତାମହଲ ଅଞ୍ଚଳରେ ରହୁଥିବା ସନ୍ତୋଷ ସ୍ୱାଇଁଙ୍କ ପାଖକୁ ରାମଙ୍କୁ ନେଇଥିଲେ। ସନ୍ତୋଷ ରାମଙ୍କ ସମେତ ବଡପଦିଆ ଗାଁର ତ୍ରିନାଥ ବିଡିକାଙ୍କ ପୁଅ ଲାଛନା (୨୦), ବୈରାଗ ଉଲାକାଙ୍କ ପୁଅ ଜିତୁ ଉଲାକାଙ୍କ ସହ ଅନ୍ୟ ୪ଜଣଙ୍କୁ ମାସିକ ୮ହଜାର ୫ଶହ ଟଙ୍କାରେ କାର୍ଯ୍ୟରେ ରଖାଇଦେବି ବୋଲି କହି ବ୍ରହ୍ମପୁର ଡକାଇଥିଲେ। ନିରଞ୍ଜନ ରାମ, ଲାଛନା ଓ ଜିତୁଙ୍କୁ ନେଇ ବ୍ରହ୍ମପୁରରେ ଛାଡି ଆସିଥିଲେ। ତେବେ ଯିବା ଦିନରୁ ପ୍ରାୟ ୨ମାସ ହେଲାଣି ସେମାନଙ୍କର ପରିବାର ସହ କୌଣସି ଯୋଗାଯୋଗ ହୋଇପାରୁ ନାହିଁ। ସେମାନେ କିନ୍ତୁ ବ୍ରହ୍ମପୁର ନୁହେଁ ବରଂ ଆନ୍ଧ୍ରପ୍ରଦେଶର ଗାଜୁଆକା ଅଞ୍ଚଳରେ ଦାଦନ ଖଟୁଥିବା ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସେମାନଙ୍କ ପରିବାରକୁ କହିଛନ୍ତି। ସେଠାରେ ଠିକାଦାର ତାଙ୍କୁ ନିର୍ଯ୍ୟାତନା ଦେଉଥିବା ସେ କହିଛନ୍ତି। ଏ ନେଇ ପରିବାର ଲୋକେ ଦଲାଲ ସନ୍ତୋଷଙ୍କୁ ପଚାରିବାରୁ ସେ କହିଛନ୍ତି ରାମ, ଲାଛନା ଓ ଜିତୁ ବର୍ତ୍ତମାନ ହାଇଦ୍ରବାଦରେ କାମ କରୁଛନ୍ତି।

ପରିବାର ଲୋକେ ସେମାନଙ୍କୁ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଶ୍ରମ ଆୟୁକ୍ତ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ବର୍ତ୍ତମାନ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏଭଳି ଘଟଣା ତାଙ୍କ ନଜରକୁ ଆସିନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ବିଜେଡି ପାଇଁ ଗଡ଼ରକ୍ଷା ସମ୍ମାନର ପ୍ରଶ୍ନ

ଗୁଣପୁର,୩।୪(ଡି.ଏନ୍.ଏ.)

**ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ପ୍ରଥମ ପର୍ଯ୍ୟାୟରେ ରାୟଗଡ଼ା ଜିଲ୍ଲା ଗୁଣପୁରରେ ନିର୍ବାଚନ ହେବ। ୯ ତାରିଖରେ ନିର୍ବାଚନୀ ପ୍ରଚାର ସରିବ। ରାଜନୈତିକ ଦଳଗୁଡ଼ିକ ଡାକବାଜି ଯନ୍ତ୍ର, ପତାକା, ପୋଷ୍ଟର, ଫ୍ଲେକ୍ସ ଆଦି ଲଗାଇ ପ୍ରଚାର ଚଳାଇଛନ୍ତି। ଏସବୁ ଭିତରେ ବିଜେଡି ପାଇଁ ଚଳିତ ନିର୍ବାଚନ ସମ୍ମାନର ପ୍ରଶ୍ନ ପାଲଟିଛି। ଗଡ ରକ୍ଷା କରିବା ସହ ହାଟ୍ରିକ ଲକ୍ଷ୍ୟରେ ଏବେ ବିଜେଡି। ୨୦୦୯-୧୪ ରେ ବିଜେଡି ଜିତିଥିଲେ ମଧ୍ୟ ଏଥର କିନ୍ତୁ ବିଜେଡି ପାଇଁ ବିଜୟ କାଠିକର ପାଠ ହେବ ବୋଲି ଚର୍ଚ୍ଚା ହେଉଛି। ଗତଥରର ଦଳୀୟ ପ୍ରାର୍ଥୀ ତଥା ବିଧାୟକ ତ୍ରିନାଥ ଗମାଙ୍ଗଙ୍କୁ ଏଥର ଟିକେଟ ନ ମିଳିବାରୁ ଚଳିତ ନିର୍ବାଚନରେ ସେ ସ୍ୱାଧୀନ ଭାବେ ଲଢୁଛନ୍ତି। ତ୍ରିନାଥଙ୍କ ଗୁଣପୁରରେ ଖାତିର ରହିଛି। ସେହିଭଳି ଚଳିତ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଗୁଣପୁର ପାଇଁ ନୂଆ ମୁହଁ। ଏହା ତାଙ୍କର ପ୍ରଥମ ନିର୍ବାଚନ। ଦଳ ପ୍ରତି ଲୋକଙ୍କ ଭଲପାଇବା ନିର୍ବାଚନ ଜିତିବା ପାଇଁ ସହାୟକ ହେବ ବୋଲି କୁହାଯାଉଛି। ସେହିଭଳି କଂଗ୍ରେସ ମଧ୍ୟ ୨୦୧୪ ନିର୍ବାଚନର ଦଳୀୟ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗଙ୍କୁ ପୁଣି ଥରେ ସୁଯୋଗ ଦେଇଛି। ଗତଥର ସେ ଅଳ୍ପ କିଛି ଭୋଟ ବ୍ୟବଧାନରେ ତ୍ରିନାଥଙ୍କଠାରୁ ହାରିଥିଲେ। ଚଳିତ ବର୍ଷର ନିର୍ବାଚନ ବାତାବରଣ ଦେଖିଲେ ମୁଖ୍ୟତଃ ବିଜେଡି-କଂଗ୍ରେସ-ତ୍ରିନାଥଙ୍କ ମଧ୍ୟରେ ଲଢେଇ ହେବ ବୋଲି ଚର୍ଚ୍ଚା ହେଉଛି।

ଗତ ସାଧାରଣ ନିର୍ବାଚନ ଏବଂ ପଞ୍ଚାୟତ ନିର୍ବାଚନ ଭୋଟ ଫଳାଫଳକୁ ସମୀକ୍ଷା କରାଗଲେ ବେଜେଡି ପାଇଁ ଏହା କର ବା ମର ପରିସ୍ଥିତି ସୃଷ୍ଟି କରିଛି। ୨୦୧୪ରେ ବିଜେଡିର ତ୍ରିନାଥ ଗମାଙ୍ଗ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗଙ୍କ ଠାରୁ ମାତ୍ର ୭୩୮୬ ଭୋଟରେ ଜିତିଥିଲେ। କିନ୍ତୁ ତ୍ରିନାଥ ଏବେ ସ୍ୱାଧୀନ ଭାବେ ଲଢୁଛନ୍ତି। ତାଙ୍କ ପ୍ରମୁଖ ସମର୍ଥକ କୁହାଯାଉଥିବା ଗୁଣପୁର ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଗୁଡାରିର ରାମକ୍ରିଷ୍ଣା, ପଦ୍ମପୁର ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅନେକ ନେତା, କର୍ମୀ ତାଙ୍କୁ ଜିତାଇବାକୁ ଲାଗି ପଡିଛନ୍ତି। ସେହିଭଳି ପୁରୁଷୋତ୍ତମ ମଧ୍ୟ ଚଳିତ ଥର କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପାଇଁ ମଧ୍ୟ ଅନେକ ସମର୍ଥନ ରହିଛି। କିନ୍ତୁ ଗୁଡାରିର ବରିଷ୍ଠ କଂଗ୍ରେସ ନେତା ତଥା ଜିଲା କାର୍ଯ୍ୟକାରୀ ସଭାପତି ରଘୁ ପାତ୍ର ବିଧାୟକ ପୁରୁଷୋତ୍ତମଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଜିଲା କାର୍ଯ୍ୟକାରୀ ସଭାପତି ଏବଂ ପିସିସି ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲ୍ଲାକାଙ୍କୁ ସମର୍ଥନ କରୁଥିଲେ ହେଁ ପୁରୁଷୋତ୍ତମଙ୍କ ପ୍ରଚାରରେ ସାମିଲ ହେଉ ନାହାନ୍ତି। ଗୁଡାରୀ ଅଞ୍ଚଳରେ ପୁରୁଷୋତ୍ତମଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ। ସେହିଭଳି ଚଳିତ ନିର୍ବାଚନରେ ବିଜେଡି ରଘୁନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ରଘୁନାଥ ଦଳ ପାଇଁ ନୂଆ ମୁହଁ। ୨୦୧୭ରେ ପଞ୍ଚାୟତ ନିର୍ବାଚନରେ ଗୁଣପୁର ନିର୍ବାଚନମଣ୍ଡଳୀର ୮ଟି ଜିଲା ପରିଷଦ ଜୋନ ମଧ୍ୟରୁ ରାମନାଗୁଡା ୨ ଏବଂ ପଦ୍ମପୁରର ଗୋଟିଏ ଏପରି ୩ଟି ଜୋନ ଭାଜପା ଖାତାକୁ ଯାଇଥିଲା। ପଦ୍ମପୁର, ଗୁଡାରି, ଗୁଣପୁର ଏବଂ ଚନ୍ଦ୍ରପୁରର ଗୋଟିଏ ଲେଖାଏ ଏପରି ମୋଟ ୪ଟି ଆସନ କଂଗ୍ରେସ ଦଖଲ କରିଥିଲା। ବିଜେଡିକୁ କେବଳ ଗୋଟିଏ ମାତ୍ର ଆସନ ଗୁଣପୁର-ଖ ଜୋନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏପରି ସ୍ଥଳରେ ନୂଆ ନେତାଙ୍କୁ ନେଇ ବିଜୟୀ ହେବା ବିଜେଡି ପାଇଁ କଷ୍ଟକର ହେବ। ବିଜେଡି ଏବେ ନିଜର ଗଡ଼ ରକ୍ଷା କରିବା ସମ୍ମାନର ବିଷୟ ହୋଇପଡିଛି। ବିଜେଡି ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଏବଂ ଜିଲା ମୁଖ୍ୟ ଏନ. ଭାସ୍କର ରାଓଙ୍କୁ ଆୟୁଧ କରି ନିର୍ବାଚନ ବୈତରଣୀ ପାର ହେବାର ଲକ୍ଷ୍ୟରେ ରହିଛି। ବିଜେଡି ଏବଂ କଂଗ୍ରେସର ପ୍ରାର୍ଥୀଙ୍କୁ ମିଶାଇ ବର୍ତ୍ତମାନ ନିର୍ବାଚନରେ ୬ଜଣ ପ୍ରାର୍ଥୀ ରହିଛନ୍ତି। ଭାଜପାର ଶିଶିର ଗମାଙ୍ଗ, ଭାଜପାର ବିଦ୍ରୋହୀ ପ୍ରାର୍ଥୀ ରାମମୂର୍ତ୍ତି ମୁଣ୍ଡିକା, ବିଜେଡିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ତ୍ରିନାଥ ଗମାଙ୍ଗ ଓ ବିଏସ୍‌ପିର କୈଳାସ ଶବର। ଏପରି ରାଜନୈତି ସମୀକରଣ ମଧ୍ୟରେ ଗୁଣପୁର ନିର୍ବାଚନ ମଣ୍ଡଳୀରେ ହାଟ୍ରିକ ଲକ୍ଷ୍ୟରେ ଥିବା ବିଜେଡି କିପରି ଗଡ ବଜାୟ ରଖୁଛି ତାହା ଫଳାଫଳ ଆସିଲେ ଜଣାପଡିବ।

# ଅସନ୍ତୁଷ୍ଟଙ୍କୁ ମନାଇବାକୁ ପ୍ରୟାସ

## ପ୍ରଫୁଲ୍ଲ ପାଙ୍ଗିଙ୍କୁ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦାୟିତ୍ୱ

କୋରାପୁଟ,୩।୪(ସ୍ୱ.ପ୍ର.)



ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଚଳିତ ସାଧାରଣ ନିର୍ବାଚନରେ ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ଏହାକୁ ନେଇ କୋରାପୁଟ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହୋଇଥିଲା। ପ୍ରଫୁଲ୍ଲ ସହ ତାଙ୍କର ବହୁ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏଠାରୁ ବିଜେଡି ଟିକେଟ୍ ପାଇଁ ପ୍ରଫୁଲ୍ଲଙ୍କ ସହ ଅନ୍ୟ ୩ ଜଣ ଆଶାୟୀ ଲବିରେ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୀତମ ପାଢ଼ୀଙ୍କ ନାଁରେ ମୋହର ଲଗାଇଥିଲେ। ଏଥିରେ ଅସନ୍ତୁଷ୍ଟ ଥିବା ଚୈତନ୍ୟ ନନ୍ଦବାଲି ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରି ଏବେ ନିର୍ବାଚନ ମଇଦାନରେ ରହିଛନ୍ତି। କିନ୍ତୁ ପ୍ରଫୁଲ୍ଲ ପାଙ୍ଗି ଟିକେଟ୍‌ରୁ ବଞ୍ଚିତ ହେବା ପରେ ଅବିଭକ୍ତ କୋରାପୁଟରେ ପାଙ୍ଗି ପରିବାରର ରାଜନୀତି ଶେଷ ହେଲା ବୋଲି ରାଜନୈତିକ ସମୀକ୍ଷକ ଆଲୋଚନା ଆରମ୍ଭ କରିଦେଇଥିଲେ। ଏବେ ଦଳବଦଳ ରାଜନୀତି ପରିପ୍ରେକ୍ଷୀରେ ଏଭଳି ଚର୍ଚ୍ଚା ମଧ୍ୟ ହେଉଥିଲା ଯେ ପ୍ରଫୁଲ୍ଲ ପାଙ୍ଗି ଅସନ୍ତୁଷ୍ଟ ହୋଇ ଅନ୍ୟ କୌଣସି ଦଳରେ ଯୋଗଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇପାରନ୍ତି। ତେବେ ପ୍ରାର୍ଥୀପତ୍ର ଦାଖଲ ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରଶାସନ ଘୋଷଣା କରିବା ପରେ ସ୍ପଷ୍ଟ ହୋଇଥିଲା ଯେ ପ୍ରଫୁଲ୍ଲ ଅନ୍ୟମାନଙ୍କ ପରି ଦଳ ବଦଳ କରିବେ ନାହିଁ। ତେବେ ପ୍ରଫୁଲ୍ଲଙ୍କ ଅସନ୍ତୋଷକୁ ଚାପିବା ଓ ପଟ୍ଟାଙ୍ଗିରେ ବିଜେଡି ପ୍ରାର୍ଥୀଙ୍କ ପାଇଁ କୌଣସି ସମସ୍ୟା ନ ଉପୁଜିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଫୁଲ୍ଲ କୁମାର ପାଙ୍ଗିଙ୍କୁ କୋରାପୁଟ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଏଭଳି ଦାୟିତ୍ୱ ପ୍ରଫୁଲ୍ଲଙ୍କ ପାଇଁ କେବଳ ସାନ୍ତ୍ୱନା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ତେବେ ଏହି ନିଯୁକ୍ତ ପାଇବା ପରେ ପ୍ରଫୁଲ୍ଲ ପାଙ୍ଗି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ କୋରାପୁଟ ଜିଲା ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଅବିଭକ୍ତ କୋରାପୁଟରେ ଜମୁଛି ହେଭିୱେଟ୍ ପ୍ରଚାର

ସେମିଳିଗୁଡ଼ା,୩।୪(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ଓ ଦକ୍ଷିଣ ଓଡ଼ିଶାରେ ହେଭିୱେଟ୍ ନେତାଙ୍କ ପ୍ରଚାର ଜୋର୍ ଧରିଛି। ପ୍ରଥମେ ଜୟପୁରରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାବେଶରେ ଯୋଗଦେବା ସହ ନିର୍ବାଚନୀ ପ୍ରଚାର କରି ଫେରିଥିଲେ। ଏହାପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ଗସ୍ତ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ପ୍ରଚାର ଦକ୍ଷିଣ ଓଡ଼ିଶା ପ୍ରଚାର ରାଜନୀତିକୁ ସରଗରମ କରିଛି। ଏହି କ୍ରମରେ ଏବେ ଆସନ୍ତା ୫ ତାରିଖ କୋରାପୁଟ ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ ବାଙ୍ଗୁରୁଗୁଡ଼ା ନିକଟସ୍ଥ ପଡ଼ିଆରେ ହେବାକୁ ଥିବା ବିଜେଡିର ନିର୍ବାଚନୀ ସଭାରେ ସେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଇ ନିକଟରେ ଭାଜପା ପାଇଁ ଜୟପୁରରେ

**୫ରେ ଆସିବେ ମୁଖ୍ୟମନ୍ତ୍ରୀ**

ପ୍ରଚାର କରି ଫେରିବା ପରେ ନବୀନ ପଟ୍ଟନାୟକ କୋରାପୁଟ ଗସ୍ତ କରୁଛନ୍ତି। ଗୋଟିଏ ଦିନରେ ସେ ୫ଟି ନିର୍ବାଚନୀ ସଭାରେ ଦଳ ପାଇଁ ପ୍ରଚାର କରିବେ। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀର ବାଙ୍ଗୁରୁଗୁଡ଼ା, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର, କୋରାପୁଟ ନିର୍ବାଚନ ମଣ୍ଡଳୀର ଡୁମୁରିପୁଟ, ମାଲକାନଗିରି ଜିଲାର ମାଥିଲି ଓ କାଲିମେଲାରେ ବିଜେଡିର ନିର୍ବାଚନୀ ସଭା ଆୟୋଜିତ ହେଉଛି। କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ୫ଟି ନିର୍ବାଚନୀ ସଭାର ଆୟୋଜନ ଚାଲିଛି। ଏଥିରେ ରୋଡ୍ ଶୋର କାର୍ଯ୍ୟକ୍ରମ ରହିଛି। ଅନନ୍ତରାମ ମାଟାମ, ଦଳେଇଗୁଡ଼ା ପଞ୍ଚାୟତର ସମିତି ସଭ୍ୟ, ପାଖଜଲା ସରପଞ୍ଚ ଲକ୍ଷ୍ମଣ ପାଢ଼ୀ, ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷ ଦୀନେଶ ଖରାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପର୍ବ ଚାଲିଛି।

# ନିର୍ବାଚନ ପ୍ରଚାର ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ

ଝରିଗାଁ,୩।୪(ସ୍ୱ.ପ୍ର)-

**ଦିନକ ପରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ ଅଭିଯୋଗ**

ଚଳିତ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କଲେଗାଁ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଭା ସ୍ଥଳିରେ ପାଟିତୁଣ୍ଡ ହୋଇଥିଲା। ଏହାର ଦିନକ ପରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ ମରାଯାଇଥିବା ନେଇ ଝରିଗାଁ ଥାନାରେ ଅଭିଯୋଗ ହୋଇଛି। ଗତ ୩୧ ତାରିଖରେ କଲେଗାଁ ଗ୍ରାମକୁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମାଝୀ ଏବଂ ତାଙ୍କ ସହ କିଛି ଦଳୀୟ କର୍ମୀ ଆସି ନିର୍ବାଚନ ପ୍ରଚାର କରୁଥିଲେ। ସେହି ସମୟରେ ଗ୍ରାମର ଜଣେ ଯୁବକ ଗ୍ରାମରେ କୌଣସି ଯୋଜନା ହୋଇନଥିବା ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ଆଉ ଜଣେ ଯୁବକ ଭିଡିଓ କରି ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ଏହାକୁ ଦେଖିବା ପରେ କଲେଗାଁ ଗ୍ରାମର ଖଗପତି ପାଣ୍ଡେ ଏବଂ ଦେବରାଜ ପୂଜାରୀଙ୍କୁ ଗୋଟିଏ ଗୋଷ୍ଠୀ ପକ୍ଷରୁ ରାତିରେ ନିସ୍ତୁକ ମାଡ ମରାଯାଇଥିବା ନେଇ ଝରିଗାଁ ଥାନାରେ ବୁଧବାର ଆହତ ଯୁବକଙ୍କ ବାପା ଏତଲା ଦେଇଛନ୍ତି। ଖବର ପାଇ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସଆଇ ରାମ ଚନ୍ଦ୍ର ଅଗସ୍ତି କଲେଗାଁ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଆହତ ହୋଇଥିବା ଖଗପତି ପାଣ୍ଡେଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଟଙ୍କା ଓ ବିଭିନ୍ନ ସାମଗ୍ରୀ ବଣ୍ଟନ ଅଭିଯୋଗ

# ମନୋହରଙ୍କୁ କୈଫିୟତ ତଲବ

ନବରଙ୍ଗପୁର,୩।୪(ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ଡାବୁଗାଁ ବ୍ଲକ ନାରିଗୁଡା ଗାଁରେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ବଣ୍ଟନ କରି ଭୋଟରଙ୍କୁ ପ୍ରଲୋଭିତ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅଜିତ କୁମାର ମିଶ୍ର ଓ ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ କରୁଣାକର ରାଇକା ମଙ୍ଗଳବାର ମନୋହରଙ୍କୁ କୈଫିୟତ ତଲବ କରିଛନ୍ତି। ୩ ଦିନ ମଧ୍ୟରେ ଲିଖିତ ଭାବେ ସନ୍ତୋଷଜନକ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ରିପ୍ରେଜେଣ୍ଟେଟିଭ ଅଫ ପିପୁଲ (ଆର.ପି) ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ମତାମତ ପାଇଁ ମନୋହରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ରିଙ୍ଗ୍ ହୋଇଥିଲା କିନ୍ତୁ ସେ ରିସିଭ କରି ନ ଥିଲେ। ସେହିପରି ପ୍ରାର୍ଥୀଙ୍କ ଖର୍ଚ୍ଚ ପରିଚାଳନା ପର୍ଯ୍ୟବେକ୍ଷକ ଜୟନ୍ତ ଖାନରା ଗତ ୧ ତାରିଖରେ ପ୍ରାର୍ଥୀମାନଙ୍କୁ ନେଇ ଏକ ବୈଠକ ଡାକିଥିଲେ। ସେଥିରେ ପ୍ରାର୍ଥୀଙ୍କୁ ଖର୍ଚ୍ଚ ଖାତା ଉପସ୍ଥାପନ କରିବାକୁ କୁହାଯାଇଥିଲା। ତେବେ କେତେ ଜଣ ପ୍ରାର୍ଥୀ ଏଥିରେ ଯୋଗ ଦେଇ ନ ଥିଲେ। ସେମାନେ କାହିଁକି ବୈଠକରେ ଯୋଗ ଦେଲେ ନାହିଁ ଏବଂ ଖର୍ଚ୍ଚ ଆକଳନ ଖାତା ଉପସ୍ଥାପନ କଲେ ନାହିଁ ତାହାର ଜବାବ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମାଗିଛନ୍ତି।

# ମୋହନା ବ୍ଲକରେ ବିଜେଡିର ପ୍ରଚାର

ମୋହନା,୩।୪(ଡି.ଏନ.ଏ.)

ମୋହନା ବିଧାୟକ ଆସନ ଲାଗି ବିଜେଡି ପ୍ରାର୍ଥିନୀ ପୂର୍ଣ୍ଣବାସୀ ନାୟକ ବୁଧବାର ପ୍ରଚାର ଆରମ୍ଭ କରିଛନ୍ତି। ରାୟଗଡ ବ୍ଲକ ନାରାୟଣପୁର ପଞ୍ଚାୟତ ବଡଗାଁ ଛକଠାରୁ ପ୍ରାୟ ୨୦୦ ବାଇକ ଓ ୨୫ରୁ ଉର୍ଦ୍ଧ୍ୱ କାରରେ କର୍ମୀମାନଙ୍କ ସହ ପ୍ରାର୍ଥିନୀ ରାଲିରେ ରାମଗିରି, ଛେଳିଗଡ, ମହେନ୍ଦ୍ରଗଡ, ଚନ୍ଦ୍ରଗିରି, ଚାନ୍ଦିପୁଟ, ମୋହନା ଦେଇ ଅଡବା ଯାଇ ଭୋଟ ଭିକ୍ଷା କରିଥିଲେ । ପୂର୍ଣ୍ଣବାସୀ ଅଞ୍ଚଳର ସାଧାରଣ ଜନତାଙ୍କୁ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କହିବା ସହ ବିଜେଡି ହିଁ ଏକମାତ୍ର ଦଳ ଯିଏ, ଆମପାଇଁ ଯୋଗ୍ୟ ବୋଲି କହିଥିଲେ । ତେଣୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟ କରିବା ପାଇଁ ଅନୁରୋଧ କରିଥିଲେ। ରାଲି ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମୋହନା ଆଇଆଇସି ସୁଜିତ କୁମାର ନାୟକ ଓ ଅଡବା ଆଇଆଇସି ଅଜୟ କୁମାର ବାରିକ ସମସ୍ତ ବ୍ୟବସ୍ଥା କରିଥିଲେ ।

## ପ୍ରଚାରରେ କଂଗ୍ରେସର ଲୋକସଭା ଓ ବିଧାନସଭା ପ୍ରାର୍ଥୀ

# ଗାଁର ଉନ୍ନତି ପାଇଁ ଭୋଟ୍ ନିବେଦନ

ପଟ୍ଟାଙ୍ଗି,୩।୪(ଡି.ଏନ୍.ଏ.)



ପ୍ରଚାର ସଭାରେ କଂଗ୍ରେସର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ।

ନିର୍ବାଚନୀ ପ୍ରଚାର ସମୟ ସୀମା ଆଉ ପାଞ୍ଚ ଦିନ ଥିବାବେଳେ ଭୋଟରଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ଦଳ ପ୍ରୟାସ ଜୋରଦାର କରିଛନ୍ତି। ପଟ୍ଟାଙ୍ଗି ବ୍ଲକ କଂଗ୍ରେସ ଜୋନ-୨ ସଭାପତି ଶୁକ୍ରା ଖରାଙ୍କ ନେତୃତ୍ୱରେ ପେଟ୍ଟୁ ପଞ୍ଚାୟତରେ ଆୟୋଜିତ ବୈଠକରେ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ଓ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲାକା ଯୋଗ ଦେଇଛନ୍ତି। ପୁଅ ସପକ୍ଷରେ ପ୍ରଚାର କରିଛନ୍ତି ମା’ ତଥା ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ରତ୍ନମଣି ଉଲାକା। କେନ୍ଦ୍ର ଓ ରାଜ୍ୟର ସରକାର ନୋଟବନ୍ଦୀଠାରୁ ଆରମ୍ଭ କରି ଚାଷୀଙ୍କୁ ଉପେକ୍ଷା ପର୍ଯ୍ୟନ୍ତ ବିଭିନ୍ନ ମିଛ ପ୍ରତିଶ୍ରୁତି ପ୍ରତାରଣ କରିଚାଲିଛନ୍ତି। ତେଣୁ ପୁଣିଥରେ ହାତକୁ ହାତ ମିଶାଇ କଂଗ୍ରେସକୁ ଭୋଟ ଦେଇ ଗ୍ରାମାଞ୍ଚଳର ଉନ୍ନତି କ୍ଷେତ୍ରରେ ସହଯୋଗ କରିବା ପାଇଁ ପ୍ରାର୍ଥମୀନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଠା, ଜିଲା ମହିଳା କଂଗ୍ରେସ ସମ୍ପାଦିକା ବିମଳା ପାଙ୍ଗି, ଯୁବ କଂଗ୍ରେସ ସଭାପତି ଗୁପ୍ତ ଶଙ୍କର ପଟ୍ଟନାୟକ, ଏସ୍. ଚନ୍ଦ୍ରଶେଖର, ସୁରେଶ ଗୁଡିଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସେହିପରି ଜୋନ-୧ ସଭାପତି ନୃସିଂହନାଥ ବେହେରାଙ୍କ ନେତୃତ୍ୱରେ ବ୍ଲକର ସିପାଇପୁଟ ଛକରେ ଆୟୋଜିତ ସଭାରେ ମଧ୍ୟ ଉପରୋକ୍ତ ପ୍ରାର୍ଥୀମାନେ କଂଗ୍ରେସକୁ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ସୁଙ୍କି ପଞ୍ଚାୟତ ଲାଉଡି ଗ୍ରାମର ବିଜେଡି କର୍ମୀ ଖର୍ଜୀମ କ୍ରିଷ୍ଟାଙ୍କ ସମେତ ନିମାଲପାଡୁ, ନୂଆଗାଁ, କୋଟିଆ ଓ ସାଡାମ ପଞ୍ଚାୟତର ଶତାଧିକ ସମର୍ଥକ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିପାଇପୁଟ ଗ୍ରାମର ଜଗନ୍ନାଥ ଗେମେଲ, ବାସୁଦେବ ପାଙ୍ଗି, ରବି ଖରା, ଜଗତ ରାଏ ଖରା, ଦାମୋଦର ଗୁଣ୍ଠା, ଗୌରଚନ୍ଦ୍ର ଗୁଣ୍ଠା, ସରପଞ୍ଚ ସୁମିତ୍ରା ବଡନାୟକ, ସମିତି ସଭ୍ୟ ସୁବାସ ବଡବୁରା, ପୂର୍ଣ୍ଣ ଖରା, ସାଦୁ ବଡନାୟକ, ପଡାସେଠି ଆପାରାଓ, ତ୍ରିପତି ସାରା, ତ୍ରିନାଥ ପାଙ୍ଗି, ରାଜେନ୍ଦ୍ର କୁଲଦିପ ଓ ଅଭି ଲବୁଡୁ ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ପଟ୍ଟାଙ୍ଗି ସଦରରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା।

# ଜିଲା କଂଗ୍ରେସ ସମ୍ପାଦକ ଶିବଶଙ୍କରଙ୍କ ଇସ୍ତଫା

ନବରଙ୍ଗପୁର, ୩।୪(ବି.ପ୍ର)

ନବରଙ୍ଗପୁର ଜିଲା କଂଗ୍ରେସ ସମ୍ପାଦକ ଶିବ ଶଙ୍କର ପାଢୀ ଦଳର ଇସ୍ତଫା ଦେଇଛନ୍ତି । ଇସ୍ତଫା ପତ୍ର ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କୁ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ସଠିକ ଦାୟିତ୍ୱ ତୁଲାଇ ପାରୁ ନଥିବା ଓ ଦଳ ପ୍ରତି ଆବଶ୍ୟକ ସମୟ ଦେଇ ପାରୁ ନଥିବା ଜଣାଇଛନ୍ତି। ପାଢୀ ୨୦୧୮ ଡିସେମ୍ବର ୪ ତାରିଖରୁ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ ।

# ବିଜେଡିରେ ମିଶିଲେ ସରୋଜଙ୍କ ସମର୍ଥକ

ଆସିକା,୩।୪(ଡି.ଏନ୍.ଏ)

ଆସିକାର ପୂର୍ବତନ ବିଧାୟକ ସରୋଜ ପାଢୀଙ୍କ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି । ବୁଧବାର କନିଷିଠାରେ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଆଇନଜୀବୀ ଅଜିତ ଚୌଧୁରୀଙ୍କ ନେତୃତ୍ୱରେ ଯାଇ ସମର୍ଥକମାନେ ବିଜେଡିରେ ବିଧିବଦ୍ଧ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ପାଢୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବିଜେଡିରେ ସାମିଲ ହେବା ନେଇ ଦଳର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ସରିଛି ।

# କଂଗ୍ରେସ ପ୍ରାର୍ଥୀଙ୍କ ରୋଡ୍ ଶୋ, ପଥପ୍ରାନ୍ତ ସଭା



ପ୍ରଦୀପ ମାଝି ନିର୍ବାଚନୀ ପ୍ରଚାର କରୁଛନ୍ତି।

ତେନ୍ତୁଳିଖୁଣ୍ଟି,୩।୪(ଡି.ଏନ.ଏ)

କଂଗ୍ରେସର ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝି ଓ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ସଦନ ନାୟକ ବୁଧବାର ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି। ବିଭିନ୍ନ ଗ୍ରାମରେ ରୋଡ ଶୋ ଓ ପଥପ୍ରାନ୍ତ ସଭା କରିଥିଲେ। ପ୍ରାର୍ଥୀମାନେ କୁକୁଡାବାଇଠାରୁ ସମର୍ଥକଙ୍କ ସହ ବାଇକ ରାଲିରେ ବାହାରି ଅଞ୍ଚଳଗୁମ୍ମା, ପାତ୍ରପୁଟ,କଣ୍ଟାଗାଁ, ଝରିଗୁମ୍ମା, କାମତା, ପୂଜାରିଗୁଡା, ଖୁଣ୍ଟିପଦର, ତେନ୍ତୁଳିଖୁଣ୍ଟି, ପଣସପଦର, ଚରାମୂଳା, ଦିଗିସଲପା, ଆଉଁଳିଗୁମ୍ମା, ଖାତିଗୁଡା, ପରଜାବାରଙ୍ଗପଦର, ପରଜାଦେଓପାଲି, ଗଡିପୁଟ, ମଞ୍ଚାଗାଁ, ବଙ୍ଗଲାଗୁଡା ଦେଇ ଜଗନ୍ନାଥପୁରରେ ପହଞ୍ଚିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନେ ପଥପାନ୍ତ ସଭା କରି କଂଗ୍ରେସ ସରକାର ଆସିଲେ ସମସ୍ତଙ୍କୁ ରୋଜଗାର, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବୃଦ୍ଧି, କୃଷିଋଣ ଛାଡ, ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଜୋନ ଏ ସଭାପତି ବିପିନ ଟାକ୍ରି, ଜୋନ-୨ ସଭାପତି ମଦନ ମୋହନ ସିଂ, ରାଜେନ୍ଦ୍ର ମହାପାତ୍ର, ଅଖିଳ ଭତ୍ରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ଭୀମସେନ ପାଣିଗ୍ରାହୀ, ଦୁର୍ଲଭ କନ୍ଧ ଗୌଡ, ଦୀଲିପ ପ୍ରଧାନୀ, ତ୍ରିନାଥ ପ୍ରଧାନୀ, ଦ୍ୱାରକା ମହାପାତ୍ର, ଅଜୟ ହିଆଲ, ଚିଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରଚାର ଜୋର ଧରିଲା

# ମାଓବାଦୀଗଡରେ ଛତିଶଗଡ ମନ୍ତ୍ରୀ ଲଛମା କବାସୀଙ୍କ ପ୍ରଚାର

ମାଲକାନଗିରି,୩।୪ (ଡି.ଏନ୍.ଏ.)



ପ୍ରଚାର ସଭାରେ ଉପସ୍ଥିତ ଥିବା ଜନତା ।

କଂଗ୍ରେସ ପକ୍ଷରୁ ଇତି ମଧ୍ୟରେ ପ୍ରଚାରକୁ ଜୋରଦାର କରାଯାଇଛି। ମାଲକାନଗିରିକୁ ନେତା ଓ ମନ୍ତ୍ରୀଙ୍କ ସୁଅ ଛୁଟୁଥିବା ବେଳେ ଛତିଶଗଡର ଅବକାରୀ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଲଛମା କବାସୀ ସମେତ ଅନ୍ୟମାନେ ଯୋଗଦେଇ ବୁଧବାର ଏମପି ପ୍ରାର୍ଥୀ ପ୍ରଦୀପ ମାଝି, ବିଧାୟକ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ଓ ମାଲକାନଗିରି ବିଧାୟକ ପ୍ରାର୍ଥୀ ମାଲା ମାଡିଙ୍କ ପାଇଁ ପ୍ରଚାର କରଥିଲେ। କବାସୀ ମାଲକାନଗିରି ଜିଲାର ମାଓବାଦୀଗଡ କୁହାଯାଉଥିବା ମାଥିଲି ବ୍ଲକର ସାଲିମି ଓ ମାଲକାନଗିରି ବ୍ଲକର ମାର୍କାପାଲ୍ଲୀଠାରେ ପ୍ରଚାର କରିଥିଲେ। ଆଦିବାସୀ ବହୁଳ ଏହି ଅଞ୍ଚଳରେ ଅନ୍ୟ ଦଳଗୁଡିକ ପକ୍ଷରୁ ଆଦିବାସୀଙ୍କ ପାଇଁ ଯାହା କରାଯାଇଥିବା କୁହାଯାଉଛି କେବଳ ପ୍ରତିଶ୍ରୁତିରେ ରହିଛି। କଂଗ୍ରେସ ଦଳ ସବୁବେଳେ ମାଲକାନଗିରି ଜିଲାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ମନ୍ତ୍ରୀ କବାସୀ କହିଥିଲେ। ପଡୋଶୀ ଛତିଶଗଡରେ ଯେଉଁଭଳି ୩ ଥର ଦୀର୍ଘ ୧୫ ବର୍ଷ ଧରି ଶାସନ କରିଆସିଥିବା ଭାଜପା ସରକାରଙ୍କୁ ଲୋକେ ବର୍ଜନ କରି କଂଗ୍ରେସର ସ୍ଥିର ସରକାରକୁ ଭରସା କରିଛନ୍ତି। ସେଠାରେ ଚାଲିଥିବା ସରକାରଙ୍କ ଶାସନ ସମ୍ପର୍କରେ କବାସୀ ମତ ରଖି କଂଗ୍ରେସକୁ ସରକାରକୁ ଆଣିବା ଲାଗି ନିବେଦନ କରିଥିଲେ । ଆଗାମୀ ଦିନରେ କଂଗ୍ରେସ ପୁଣି ଆସିଲେ ଚାଷୀଙ୍କ ଦୁଃଖ ଦୂର କରିବ। ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସହ ଶିକ୍ଷା, ନିଯୁକ୍ତି, ପାନୀୟ ଜଳ, ଜଳସେଚନ ଭଳି ବହୁ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, କେଶୁ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

■ ଜାତୀୟ କରାଟେ ପ୍ରତିଯୋଗିତା

# ଭାଗନେବେ ସୁନାବେଡ଼ାରୁ ୪ ପ୍ରତିଯୋଗୀ



ଜାତୀୟ କରାଟେ ପାଇଁ ମନୋନୀତ ଖେଳାଳିଙ୍କ ସହ ଅନ୍ୟମାନେ ।

ସେମିଳିଗୁଡ଼ା,୩।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ଭିଏସ୍ ବିଦ୍ୟାଳୟର ୩ ଜଣ ଛାତ୍ରୀ ଓ ସେମିଳିଗୁଡ଼ା ଶାଖାର ହିତେଶ ପୋଦାର ବୁଧବାର ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ସ୍ୱୀକୃତି ପାଇଥିବା ଏକମାତ୍ର ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ଗୌହାଟି ଅଭିମୁଖେ ଓଡ଼ିଶା ଦଳ ସହ ଯାତ୍ରା କରିବେ। ଏଡିଏଭି ହାଇସ୍କୁଲ ସ୍ଥିତ ଉତ୍କଳ କରାଟେ ସ୍କୁଲରୁ ଆଦ୍ୟାଶା ସାମନ୍ତରାୟ, ଶରଣ୍ୟା ରାୟ, ତେଜସ୍ୱୀ ମହାପାତ୍ର ଏଥିରେ ଅଂଶଗ୍ରହଣ କରିବେ। ଏଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତାଙ୍କ ସହ ମହେଶ ବରାଳ, ରାଜେନ୍ଦ୍ର ସାମଲ ଓ ମନୋଜ ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

■ କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳାଧିପତି

# ‘ବିକାଶ ପାଇଁ ଯୁବବର୍ଗଙ୍କ ସକ୍ରିୟ ନିୟୋଜନ ଜରୁରୀ’

କୋରାପୁଟ,୩।୪(ସ୍ୱ.ପ୍ର.)

ଯେ କୌଣସି ଅଞ୍ଚଳର ବିକାଶ ପାଇଁ ଯୁବବର୍ଗ ନିଜକୁ ସକ୍ରିୟ ନିୟୋଜିତ କରିବା ଆବଶ୍ୟକ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ା କ୍ୟାମ୍ପସରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁଳାଧିପତି ପି.ଭି. କ୍ରିଷ୍ଣା ଭଟ୍ଟ ଏହା କହିଛନ୍ତି।

ଆଧୁନିକ ଯୁଗରେ ଯୁବବର୍ଗ ଉଚ୍ଚ ଶିକ୍ଷିତ ହେବା ପରେ ସେମାନେ ନିଜ ଅଞ୍ଚଳର ବିକାଶ ଦିଗରେ ନିଜକୁ ସକ୍ରିୟ ଭାବେ ନିୟୋଜିତ କରିପାରୁ ନାହାନ୍ତି। ଫଳରେ ବିକାଶ ପଛରେ ପଡ଼ିଯିବା ସହ ସେମାନଙ୍କ ଅଞ୍ଚଳ ବିକାଶର ମୁଖ୍ୟଧାରାରେ ସାମିଲ ହୋଇପାରୁ ନାହିଁ। ବିଶ୍ୱବିଦ୍ୟାଳୟ ଏବେ ଏକ ନୂତନ ଦିଗନ୍ତ ଆଡ଼କୁ ପାଦ ବଢ଼ାଉଥିବା ବେଳେ ଏହି ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳ, ପ୍ରଶାସନ, ବୁଦ୍ଧିଜୀବୀ ମିଳିତ ଭାବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ମିଶି କାର୍ଯ୍ୟ କରିବାକୁ ନିବେଦନ କରିଥିଲେ ।


ଖବରଦାତା ସମ୍ମିଳନୀରେ କୁଳାଧିପତିଙ୍କ ସହ ଅନ୍ୟମାନେ ।

କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ୧୦ ବର୍ଷ ପୂରଣ ହୋଇସାରିଥିବା ବେଳେ ଏପର୍ଯ୍ୟନ୍ତ ପ୍ରତିଟି ବିଭାଗରେ ସ୍ଥାୟୀ ଅଧ୍ୟାପକ ନାହାନ୍ତି। ବିଭାଗଗୁଡ଼ିକରେ ଆକର୍ଷଣୀୟ ବିଷୟବସ୍ତୁ ନ ଥିବା ଯୋଗୁଁ ଛାତ୍ରୀଛାତ୍ରଙ୍କ ପକ୍ଷରେ ଏହି ବିଶ୍ୱବିଦ୍ୟାଳୟକୁ ସେମାନଙ୍କ ଚୟନରେ ଅଗ୍ରସ୍ଥାନ ଦେବା ସମ୍ଭବ ହୋଇପାରୁ ନାହିଁ । ଗତ ଦୁଇ ଦିନ ଧରି ପ୍ରଫେସର ଭଟ୍ଟ ଛାତ୍ରୀଛାତ୍ର, ଅଧ୍ୟାପକ, ପରିଚାଳନା ଅଧିକାରୀ, ଜିଲାର ବୁଦ୍ଧିଜୀବୀଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ୟା ସମାଧାନ କରିବା ନେଇ ବିସ୍ତୃତ ଆଲୋଚନା କରିଥିଲେ । କେନ୍ଦ୍ର ମାନବ ସମ୍ବଳ ବିଭାଗ ସହ କୁଳାଧିପତି ଆଲୋଚନା କରିଥିବା ବେଳେ ନିର୍ବାଚନ ସରିବା ପରେ ଏହାର ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହେବ। ଏନେଇ ପ୍ରତିଶ୍ରୁତି ମିଳିଥିବା ପ୍ରଫେସର ଭଟ୍ଟ କହିଥିଲେ। ବିଶ୍ୱବିଦ୍ୟାଳୟର ନୂତନ ଏକାଡେମିକ ଓ ଆଡମିନିଷ୍ଟ୍ରେଟିଭ ଭବନ ସମେତ ୨ଟି ପାଠାଗାର, ୬୧ଟି ଷ୍ଟାଫ କ୍ୱାର୍ଟର ଓ ୨ଟି ଛାତ୍ରାବାସ ନିର୍ମାଣ କରିବା ପାଇଁ ୨୮୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏହି ଅବସରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଭାରପ୍ରାପ୍ତ କୁଳପତି ଶରତ କୁମାର ପାଲିତା, ରେଜିଷ୍ଟ୍ରାର ଅସିତ କୁମାର ଦାସ ଓ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଉପସ୍ଥିତ ଥିଲେ ।

# କଂଗ୍ରେସରେ ମିଶିଲେ ବିଜେଡିର ୧୭ କର୍ମୀ

ସେମିଳିଗୁଡ଼ା,୩।୪(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ପାଖଜଲା ପଞ୍ଚାୟତର ଦାମନଯୋଡ଼ି ଛକରେ ଅନୁଷ୍ଠିତ କଂଗ୍ରେସର ମିଶ୍ରଣ ପର୍ବରେ ବିଜେଡିର ୧୭ ଜଣ କର୍ମୀ ଦଳ ଛାଡ଼ି କଂଗ୍ରେସରେ ମିଶିଛନ୍ତି। ବିଜେଡିର ଟିକେଟ ବଣ୍ଟନ ଓ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା କର୍ମୀମାନେ ଅତିଷ୍ଠ ହୋଇ କଂଗ୍ରେସରେ ମିଶିଥିବା କହିଛନ୍ତି। ୧୯ ବର୍ଷ ଧରି ଦଳରେ ଥିଲେ ମଧ୍ୟ ଆମକୁ କୌଣସି କାର୍ଯ୍ୟକ୍ରମରେ ସାମିଲ କରାଯାଉ ନାହିଁ ବୋଲି ସେମାନେ କହିଛନ୍ତି। କଂଗ୍ରେସରେ ଯୋଗ ଦେଇଥିବା କର୍ମୀମାନେ ହେଲେ କେଶରୀ ଗେମେଲ, ବିନୋଦ ଗେମେଲ, ସମ୍ବୁରୁ ଗେମେଲ, ଅଶୋକ ଗେମେଲ, ଯୋଶେଫ ହନ୍ତାଳ, ବିଷ୍ଣୁ ଗେମେଲ, ତ୍ରିନାଥ ମୁର୍ଜା, ନମେକୁ ଗୁଣ୍ଡାଗାଡ଼ିଆ, ପତି ହନ୍ତାଳ, ଆମ୍ବି ମାରୀ, କଣନା ଖରା, ଡମ୍ବୁ ମାରୀ, ରୁପା ଗେମେଲ, ବାବୁ ଗେମେଲ, ସିତାନା ଗେମେଲ, ନବୀନ ଚନ୍ଦ୍ର ଗେମେଲ, ରକ୍ତ ଗେମେଲ। ଏହି ସଭା ପରିଚାଳନା କରିଥିଲେ ଆନନ୍ଦ କୁଲଦୀପ, ଦାସୀ ନନ୍ଦବାଲି, କମୁଲୁ ଧାଡ଼କା। ଏହି ଅବସରରେ ଗାଙ୍ଗମ୍ମା ମନ୍ଦିରରୁ ଏକ ଶୋଭାଯାତ୍ରା କଂଗ୍ରେସ ମିଶ୍ରଣ ସଭାସ୍ଥଳରେ ପହଞ୍ଚିଥିଲା।


ମିଶ୍ରଣ ପର୍ବରେ ଅନ୍ୟ ଦଳର କର୍ମୀ କଂଗ୍ରେସରେ ଯୋଗ ଦେଉଛନ୍ତି ।

# ନିର୍ବାଚନ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଦେଲେ ଆଗୁଆ ଭୋଟ୍

ଜୟପୁର, ୩।୪(ଡି.ଏନ୍.ଏ.):

ନିର୍ବାଚନରେ ସରକାରୀ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେଉଥିବାରୁ ସେମାନେ ମତଦାନ କରିବା ପାଇଁ ପୋଷ୍ଟାଲ ବାଲଟର ବ୍ୟବସ୍ଥା କରାଯାଇଥାଏ। କିନ୍ତୁ ନିର୍ବାଚନ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅନେକ କର୍ମଚାରୀ ଏହିପରି ପୋଷ୍ଟାଲ ବାଲଟରେ ଭୋଟ୍ ଦେଇପାରୁ ନାହାନ୍ତି। ତେଣୁ ଚଳିତ ଥର ନିର୍ବାଚନ ଆୟୋଗ ପକ୍ଷରୁ ସେମାନେ ମତଦାନ ତାରିଖ ପୂର୍ବରୁ ତାଲିମ କେନ୍ଦ୍ରରେ ବାଲଟ ପେପରରେ ନିଜ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କୁ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରରେ ଗତ ୧ରୁ ୪ ତାରିଖ ପର୍ଯ୍ୟନ୍ତ କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସରକାରୀ କର୍ମଚାରୀଙ୍କୁ ପ୍ରିଜାଇଡିଂ, ପୋଲିଂ ଅଫିସର ଭାବେ ତାଲିମ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନେ ନିର୍ବାଚନ ପୂର୍ବରୁ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ । ଏଥିରେ ୩ଟି ନିର୍ବାଚନ ମଣ୍ଡଳୀ ପାଇଁ ୬ଟି ଭୋଟ ବାଲଟ ବାକ୍ସ ପୃଥକ ଭାବେ ରଖାଯାଇଥିଲା । ଏଥିରେ ମୁଖ୍ୟ ପ୍ରିଜାଇଡିଂ ଅଧିକାରୀ ଭାବେ ଏଡିଏମଓ ଡା. ଅରୁଣ ପାଢ଼ୀଙ୍କୁ ନିଯୁକ୍ତ କରାଯାଇଥିଲା । ଏଥିରେ ପ୍ରାୟ ୪୦୦ କର୍ମଚାରୀ ବାଲଟ ମାଧ୍ୟମରେ ଉଭୟ ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ବାଲଟ ମାଧ୍ୟମରେ ସେମାନଙ୍କ ମତଦାନ କରିଥିଲେ । ଉକ୍ତ ବାକ୍ସକୁ ସିଲ କରାଯାଇ କଡ଼ା ସୁରକ୍ଷା ମଧ୍ୟରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ଭୋଟଦାନ ଗଣତି କେନ୍ଦ୍ରର ଷ୍ଟ୍ରଙ୍ଗରୁମକୁ ପଠାଯାଇଛି।


କୋଟପାଡ ଆସନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝିଙ୍କ ପ୍ରଚାର ପାଇଁ କୁନ୍ଦୁରାରେ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଆର୍ଥିକ ସହାୟତା

ଜୟପୁର,୩।୪(ଡି.ଏନ୍.ଏ.):

ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଜୟପୁର ଲରୀ ମାଲିକ ମହାସଂଘ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ଶାଢ଼ି ଦିଆଯାଇଛି । ବୁଧବାର ମହାସଂଘର କାର୍ଯ୍ୟାଳୟରେ ସଂଘର ସଭାପତି ଏ. ବୀରଭଦ୍ରା ରାଓ, ଉପସଭାପତି ପି.ଏନ୍. ମୂର୍ତ୍ତି, ସାଧାରଣ ସଂପାଦକ ପି. ଶିବ ପ୍ରସାଦ, ଯୁଗ୍ମ ସଂପାଦକ ଏନ୍. ଲକ୍ଷ୍ମୀନାରାୟଣ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା । ଦିଲ୍ଲୀରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ଗ୍ରହଣ କରିବା ପରେ କମଳାଙ୍କୁ ଫୁଲବାଡ଼ ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଫାଉଣ୍ଡେସନରେ ଗତ ୧୯ ତାରିଖ ସମ୍ମାନିତ କରାଯାଇଥିଲା। ସେହି ଉତ୍ସବରେ ପଦ୍ମଶ୍ରୀ କମଳା ତାଙ୍କର ଆର୍ଥିକ ସ୍ଥିତି ଠିକ୍ ନଥିବା ନେଇ ଦୁଃଖ ପ୍ରକାଶ କରିବା ସହ ଆଖିରୁ ଲୁହ ଝରାଇଥିଲେ । ସରକାର କିମ୍ବା ତାଙ୍କୁ ଲୋକଲୋଚନକୁ ଆଣିଥିବା ଫାଉଣ୍ଡେସନ ପକ୍ଷରୁ କୌଣସି ସହାୟତା କରାଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ । ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମାସିକ ଦରମା ଦେବା ପାଇଁ ପଞ୍ଚବଟୀ ଗ୍ରାମ୍ୟ ସମିତି ଏବଂ ଖବରଦାତାଙ୍କ ପକ୍ଷରୁ ସଂସ୍ଥା ନିକଟରେ ଦାବି କରାଯାଇଥିଲା।


ଲରି ମାଲିକ ମହାସଂଘ ପକ୍ଷରୁ କମଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ଗାଁ ରାଜନୀତିରେ ଉଷ୍ମତା ଭରୁଛି ପ୍ରଚାର ଗାଡ଼ି


ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରଚାର ଗାଡି ।

ଜୟପୁର,୩।୪(ନି.ପ୍ର.)

ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି । ନିର୍ବାଚନରେ ଭୋଟରଙ୍କୁ ମନେଇବା ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ତରଫରୁ ଆକର୍ଷଣୀୟ ଗାଡ଼ି ସାଙ୍ଗକୁ ମନଲୋଭା ଗୀତ ପରିବେଶକୁ ମୁଖରିତ କରିଛି। ସେହିପରି ଅସ୍ଥାୟୀ କାର୍ଯ୍ୟାଳୟ ସହ ସଭା ସମିତି, ବାଜା ବାଜଣାରେ ଗ୍ରାମରୁ ସହର ରାଜନୀତି ଉଷ୍ମ ହୋଇଛି। ସବୁ ଦଳର ପ୍ରାର୍ଥୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ଦଳୀୟ ସଙ୍କେତରେ ସୁସଜ୍ଜିତ ଗାଡ଼ିରେ ଦଳୀୟ ପ୍ରଚାର ସମ୍ପର୍କିତ ସଙ୍ଗୀତ ଲଗାଯାଇଛି। ବିଜେଡିର ରବିନାରାୟଣ ନନ୍ଦ, କଂଗ୍ରେସର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଭାଜପା ପ୍ରାର୍ଥୀ ଗୌତମ ସାମନ୍ତରାୟ, ବିଏସ୍‌ପିର କୃଷ୍ଣଚନ୍ଦ୍ର ସଗରିଆ ବିଭିନ୍ନ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଭୋଟରଙ୍କୁ କହୁଛନ୍ତି। ଗାଁ ଗଣ୍ଡାରେ ଭୋଜିଭାତର ଆସର ମଧ୍ୟ ଜମିଥିବା ବେଳେ ମିଶ୍ରଣ ପର୍ବ ମଧ୍ୟ ଜୋରସୋରରେ ଚାଲିଛି।

# ଇଗ୍ନୋର ୩୨ତମ ଦୀକ୍ଷାନ୍ତ ସମାରୋହ

## ୨୬୯ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ

କୋରାପୁଟ,୩।୪(ସ୍ୱ.ପ୍ର.)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ଇଗ୍ନୋର ୩୨ତମ ଦୀକ୍ଷାନ୍ତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ପାଠ୍ୟକ୍ରମରେ ୨୬୯ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ. ବି. ରାଜଗୋପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୀକ୍ଷାତ ସମାରୋହରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟର କୁଳପତି ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସେ କହିଥିଲେ, ଇଗ୍ନୋ ମାଧ୍ୟମରେ ଏହି ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର ହେବା ସାଙ୍ଗକୁ ଅନେକ ଯୁବତୀ ଯୁବକ ଏହାଦ୍ୱାରା ଉଚ୍ଚଶିକ୍ଷା ପାଇପାରୁଛନ୍ତି। ଚଳିତ ବର୍ଷ ସଫଳତାର ସହ ବିଭିନ୍ନ ପାଠ୍ୟକ୍ରମ ଶେଷ କରିଥିବା ୨୬୯ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ବି ରାଜଗୋପାଳ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଇଗ୍ନୋର ସ୍ୱୟଂଶାସିତ ପୁସ୍ତିକା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହାକୁ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା, କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ, ଗୋପୀନାଥ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାରୋହରେ ଆଞ୍ଚଳିକ କେନ୍ଦ୍ରର ମାଧବ ବିଷୋୟୀ, ଡ. ବଂଶୀଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦୀକ୍ଷାନ୍ତ ସମାରୋହରେ ଉପସ୍ଥିତ ଅତିଥିମାନେ ।




## ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା

ଶଙ୍କରାଖୋଲ,୩।୪(ଡି.ଏନ.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମପଞ୍ଚାୟତ କାଡ଼ପଦର ଗ୍ରାମରେ ବୁଧବାର ଅପରାହ୍ନରେ ନିଆଁଲାଗି ୨ ପରିବାର ୬ ବଖରା ଘର ଜଳିଯାଇଛି। ଟିକାବାଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାର ହେଲେ ଶଙ୍କର କହଁର ଓ ଶିବ କହଁର। ଶଙ୍କରଙ୍କର ୩ ବଖରା ଏବଂ ଶିବଙ୍କର ୩ ବଖରା ସହ ଧାନ, ଚାଉଳ, ଆସବାବ ପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ସରପଞ୍ଚ ଚିତ୍ର କହଁର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପରିବାରକୁ ଚାଉଳ, ଡାଲି, ଚୁଡ଼ା ଆଦି ଦେଇଥିବା ବେଳେ ଶଙ୍କରାଖୋଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି । ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ